# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 3 June – 2026

**************************************

## ମୁଖ୍ୟ ସମ୍ବାଦ

- ବିପର୍ଯ୍ୟୟ ପରିଚାଳନା ବିପଦ ହ୍ରାସ ନେଇ ପୁରୀରେ ଆରମ୍ଭ ହେଲା ବ୍ରିକ୍ସ ରାଷ୍ଟ୍ରସମୂହ ବୈଠକ
- ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ପ୍ରଥମ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପ; ସମୀକ୍ଷା କଲେ ବିଭାଗୀୟ ସଚିବ
- ପଂଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଆଜି ପ୍ରଦାନ କରାଯିବ ଜାତୀୟ ପଂଚାୟତ ପୁରସ୍କାର

ଏବଂ

- ସବୁଜ ଭବିଷ୍ୟତ ପାଇଁ ସାଇକେଲ ଚାଳନାର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ‘ବିଶ୍ୱ ସାଇକେଲ ଦିବସ’

## ବ୍ରିକ୍ସ ସମ୍ମିଳନୀ

ବିପର୍ଯ୍ୟୟ ପରିଚାଳନା ବିପଦ ହ୍ରାସ ନେଇ **ପୁରୀ**ରେ ବ୍ରିକ୍ସ ରାଷ୍ଟ୍ରସମୂହର ଦ୍ୱିତୀୟ ବୈଷୟିକ କାର୍ଯ୍ୟଗୋଷ୍ଠୀ ବୈଠକ ଆଜିଠାରୁ ଆରମ୍ଭ ହେଉଛି। ଏଥିରେ ଭାରତ ସମେତ ବ୍ରାଜିଲ, ରୁଷିଆ, ଚୀନ୍, ଦକ୍ଷିଣ ଆଫ୍ରିକା, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ସାଉଦିଆରବ, ଇଜିପ୍ଟ ଏବଂ ୟୁଏଇର ପ୍ରତିନିଧିଗଣ ସମ୍ମିଳନୀରେ ଯୋଗଦେଇଛନ୍ତି। ଶୁକ୍ରବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ବୈଠକରେ ବ୍ରିକ୍ସ ଦେଶଗୁଡ଼ିକର ପ୍ରତିନିଧି ଏବଂ ବିଶେଷଜ୍ଞମାନେ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା, ପ୍ରତିରୋଧ କ୍ଷମତା ବୃଦ୍ଧି ଏବଂ ଅନ୍ତର୍ଜାତୀୟ ସହଯୋଗ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବେ। ପ୍ରଥମ ଦିନରେ ଆଜି ୬ଟି ବୈଷୟିକ ଅଧିବେଶନରେ ଆଲୋଚନା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି। ଉଦ୍‌ଘାଟିନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ। ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ବୈଦେଶିକ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ସମ୍ମିଳନୀ ସମ୍ପର୍କରେ କହିଛନ୍ତି....

**- V/O –**

## ଗ୍ରୀନ୍ ହାଇଡ୍ରୋଜେନ୍ ବୈଠକ

ସବୁଜ ଉଦ୍ୟାନକୁ ଗତିଶୀଳ କରିବା ଲକ୍ଷ୍ୟରେ ଭୁବନେଶ୍ୱର ପୋଖରିପୁଟ ସ୍ଥିତ କ୍ଲଟ୍ ଡିପୋରେ ଏକ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ

ଏବଂ ରିଫିଲିଂ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହି ପ୍ରକଳ୍ପ ପାଇଁ ମୋଟ୍ ୫୩ କୋଟି ୫୫ ଲକ୍ଷ ଟଙ୍କାର ପୁଞ୍ଜି ବିନିଯୋଗ ନେଇ ଆକଳନ କରାଯାଇଛି। ନୂତନ ଏବଂ ନବୀକରଣ ଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ମାଧ୍ୟମରେ ଜାତୀୟ ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ ଅଧୀନରେ ୧୯ କୋଟି ୫୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି। ଅବଶିଷ୍ଟ ଅର୍ଥ ଅଂଶଗ୍ରହଣକାରୀଙ୍କ ଅଂଶଧନ ଓ ରାଜ୍ୟ ସରକାରଙ୍କ ସହାୟତା ମାଧ୍ୟମରେ ଭରଣା କରାଯିବାକୁ ପ୍ରସ୍ତାବ ରହିଛି।

ରାଜ୍ୟରେ ସ୍ଥାୟୀ ସହରୀ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଗ୍ରୀନ୍ ହାଇଡ୍ରୋଜେନ୍ ତଥା ସବୁଜ ଉଦ୍‌ଯାନ ଗତିଶୀଳତା ପ୍ରକଳ୍ପ ସଂପର୍କରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏକ ବୈଠକରୁ ଏହା ଜଣାପଡିଛି।

ଏହି ପ୍ରକଳ୍ପ ମାଧ୍ୟମରେ ଦୈନିକ ପ୍ରାୟ ୨୬୦ କିଲୋମିଟର ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ କରାଯିବା ସହ ଦୈନିକ ୬୦୦ କିଲୋମିଟର ପର୍ଯ୍ୟନ୍ତ ବସ୍ ଚଳାଇବାକୁ ଲକ୍ଷ୍ୟ ରଖାଯାଇଛି। ଫଳରେ ବାର୍ଷିକ ପ୍ରାୟ ୯୦୦ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇବ।

କ୍ଷୁଟ, ଏନ୍‌ଟିପିସି ଏବଂ ଗ୍ରୀଡ୍‌କୋର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି,

ଓଡ଼ିଶାରେ ହାଇଡ୍ରୋଜେନ୍ ଚାଳିତ ସାଧାରଣ ପରିବହନ ବ୍ୟବସ୍ଥାର ପ୍ରଚଳନ ସହ ରାଜ୍ୟର ପ୍ରଥମ ଗ୍ରୀନ୍ ହାଇଡ୍ରୋଜେନ୍ ବ୍ୟବସ୍ଥା ପ୍ରତିଷ୍ଠା କରିବା। ଏହି ଅଭିନବ ପ୍ରୟାସ କେନ୍ଦ୍ର ସରକାରଙ୍କ 'ନ୍ୟାସନାଲ ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ' ଅନୁରୂପ ହୋଇଥିବାବେଳେ ଏହା ଦେଶର ନେଟ୍ ଜିରୋ ଅଙ୍ଗାରକାମ୍ଳ ନିର୍ଗମନ ଲକ୍ଷ୍ୟ ହାସଲ ସହିତ ସ୍ୱଦେଶୀ ସ୍ୱଚ୍ଛ ଇନ୍ଧନ ପ୍ରଯୁକ୍ତିରୁ ପ୍ରୋତ୍ସାହିତ କରିବାରେ ବିଶେଷ ସହାୟକ ହେବ।

ଏନ୍‌ଟିପିସି ଗ୍ରୀଡ୍‌କୋ ଓ କ୍ରୁଟ୍ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ତ୍ରି-ପାକ୍ଷିକ ବୁଝାମଣାପତ୍ର ପରଠାରୁ ହୋଇଥିବା ଅଗ୍ରଗତିର ସମୀକ୍ଷା ମଧ୍ୟ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଏକ ପାଇଲଟ୍ ପ୍ରକଳ୍ପ ଭାବେ ୩ଟି ହାଇଡ୍ରୋଜେନ୍ ଫୁଏଲ୍ ସେଲ ଇଲେକ୍‌ଟ୍ରିକ୍ ବସ୍ ପ୍ରଚଳନ କରାଯିବାର ଯୋଜନା ରହିଛି।

କ୍ରୁଟର ରାଜଧାନୀ ଆଂଚଳିକ ପରିସୀମାକୁ ଦୃଷ୍ଟିରେ ରଖାଯାଇ ପ୍ରସ୍ତାବିତ ରୁଟ୍ ଓ ସେବା ଶୈଳୀର କାର୍ଯ୍ୟ ସମୀକ୍ଷା କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଏହି ବସ୍ ସେବାକୁ ଭୁବନେଶ୍ୱର-କଟକ-ଖୋର୍ଦ୍ଧା-ପୁରୀ-କୋଣାର୍କ କରିଡର ମଧ୍ୟରେ କାର୍ଯ୍ୟକ୍ଷମ କରିବାକୁ ପ୍ରସ୍ତାବ ଦିଆଯାଇଛି।

## ସିବିଏସ୍‌ଇ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ-ସିବିଏସ୍‌ଇ ପକ୍ଷରୁ ପୁନଃ ମୂଲ୍ୟାୟନ ପାଇଁ ଆରମ୍ଭ ହୋଇଥିବା ପୋର୍ଟାଲରେ ଏପର୍ଯ୍ୟନ୍ତ ୪୦ ହଜାର ଛାତ୍ରଛାତ୍ରୀ ସଫଳତାର ସହ ଆବେଦନ କରିଥିବା ବୋର୍ଡ ପକ୍ଷରୁ କୁହାଯାଇଛି। ବୋର୍ଡ

ପକ୍ଷରୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଉତ୍ତର ଖାତାର ସ୍କାନ୍ କପି ପ୍ରଦାନ ଏବଂ ପୁନଃ ମୂଲ୍ୟାୟନ ପାଇଁ ଏକ ନୂତନ ପୋର୍ଟାଲ ଖୋଲାଯାଇଛି। ଏଥିଲାଗି ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ଦେୟ ପ୍ରଦାନ ବ୍ୟବସ୍ଥା କରାଯାଇଛି।

## ପଂଚାୟତ ପୁରସ୍କାର

ପଂଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଆଜି ଜାତୀୟ ପଂଚାୟତ ପୁରସ୍କାର ପ୍ରଦାନ କରାଯାଉଛି। ଏଥିଲାଗି ଓଡ଼ିଶାକୁ ୫ଟି ବର୍ଗରେ ମନୋନୀତ କରାଯାଇଛି। ଦୀନଦୟାଲ ଉପାଧ୍ୟାୟ ପଂଚାୟତ ଶତତ ବିକାଶ ପୁରସ୍କାର ବର୍ଗରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍ ଅଧୀନ ପୋଟଲାମପୁର ଗ୍ରାମ ପଂଚାୟତ ସୁସ୍ଥ ଗ୍ରାମପଂଚାୟତ ଭାବେ ଦେଶରେ ଯୁଗ୍ମ ତୃତୀୟ ସ୍ଥାନ ଅଧୀକାର କରିଛି। ଏହି ପଂଚାତୟକୁ ୨୫ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ପର୍ଯ୍ୟାପ୍ତ ଜଳ ଉପଲବ୍ଧ ଗ୍ରାମପଂଚାୟତ ବର୍ଗରେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକର ପଡୁଆ ଗ୍ରାମପଂଚାୟତ ସର୍ବ ଭାରତୀୟ ସ୍ତରରେ ତୃତୀୟ ସ୍ଥାନ ଅଧିକାର କରିଛି।

ସ୍ୱଚ୍ଛ ଓ ସବୁଜ ଗ୍ରାମପଂଚାୟତ ବର୍ଗରେ ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକ୍‌ର ହାତୀବନ୍ଧା ଗ୍ରାମପଂଚାୟତ ଦେଶରେ ଯୁଗ୍ମଭାବେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ସେହିପରି ସାମାଜିକ ଭାବେ ସୁରକ୍ଷିତ ଓ ସାମାଜିକ ନ୍ୟାୟସଙ୍ଗତ ଗ୍ରାମପଂଚାୟତ ବର୍ଗରେ ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକର ମନ୍ଦାର ଗ୍ରାମପଂଚାୟତ ଦେଶରେ ଯୁଗ୍ମ ଦ୍ୱିତୀୟ ସ୍ଥାନ ଅଧିକାର କରିଛି।

ନାନାଜୀ ଦେଶମୁଖ ସର୍ବୋତ୍ତମ ପଂଚାୟତ ଶତତ ବିକାଶ ପୁରସ୍କାର ବର୍ଗରେ ଗଞ୍ଜାମ ଜିଲ୍ଲା ପରିଷଦ ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି ।

## ଇସିଏଲ୍‌ଜିଏସ୍

କଟକରେ ଆଜି ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ପାଇଁ ଜରୁରିକାଳୀନ କ୍ରେଡିଟ୍‌ଲାଇନ୍ ଗ୍ୟାରେଣ୍ଟି ଯୋଜନା-ଇସିଏଲ୍‌ଜିଏସ୍-୫.୦ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଯୋଜନାରେ ଏମ୍‌ଏସ୍‌ଏମ୍‌ଇ ୟୁନିଟ୍‌ଗୁଡ଼ିକ ପାଇଁ ସ୍ୱଳ୍ପକାଳୀନ ଆର୍ଥିକ ଆହ୍ୱାନଗୁଡ଼ିକୁ ଦୂର କରିବା, ନିଯୁକ୍ତି ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଶିଳ୍ପ କାର୍ଯ୍ୟକଳାପରେ ନିରନ୍ତରତା ବଜାୟ ରଖିବାରେ ସହାୟକ ହେବ । ଏହା ଜରିଆରେ ପୁଞ୍ଜିର ବୃଦ୍ଧି ସହ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକ ବର୍ତ୍ତମାନର ଆର୍ଥିକ ଆହ୍ୱାନ ବର୍ଦ୍ଧିତ ଖର୍ଚ୍ଚ ଏବଂ ବଜାରର ଅନିଶ୍ଚିତତା ଦୂର କରିବାରେ ସହାୟତା ପାଇବେ । ଏହା ମାଧ୍ୟମରେ ନିଯୁକ୍ତି ସୃଷ୍ଟି ଏବଂ ବ୍ୟବସାୟିକ କାର୍ଯ୍ୟକଳାପରେ ଦୀର୍ଘସ୍ଥାୟୀତ୍ୱ ବଜାୟ ରଖିବାରେ ସହାୟକ ହେବା ସହ ରାଜ୍ୟର ଶିଳ୍ପ ଓ ଆର୍ଥିକ ବିକାଶ ତ୍ୱରାନ୍ୱିତ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ବନକଲାଗି

ଜ୍ୟେଷ୍ଠ ମଳମାସ ତୃତୀୟା ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ମହାପ୍ରଭୁଙ୍କ ଏହି ଶୃଙ୍ଗାର

ଗୁପ୍ତନୀତି ପାଇଁ ଆଜି ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅପରାହ୍ଣରେ ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ମହାପ୍ରଭୁଙ୍କ ବନକଲାଗି ନୀତି ଆରମ୍ଭ ହେବ। ଦତ୍ତ ମହାପାତ୍ର ସେବକମାନେ ଠାକୁରଙ୍କର ଶ୍ରୀମୁଖ ଶୃଙ୍ଗାର କରିବା ପାଇଁ ଗର୍ଭଗୃହକୁ ପ୍ରବେଶ କରିବେ। ବନକଲାଗି ପାଇଁ ହିଙ୍ଗୁଳ, ହରିତାଳ, ଶଙ୍ଖ, କେଶର, କର୍ପୁର, କଇଁଥ ଅଠା, କସ୍ତୁରୀ ଓ କଳା ଆଦି ବ୍ୟବହାର କରାଯିବ। ମହାପ୍ରଭୁଙ୍କର ଏହି ନୀତି ଦ୍ୱାରା ଶ୍ରୀଅଙ୍ଗର ଶ୍ରୀବୃଦ୍ଧି ଘଟିଥାଏ।

## ବିଶ୍ୱ ସାଇକେଲ୍ ଦିବସ

ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରକ୍ଷା ଏବଂ ପରିବେଶ ସଂରକ୍ଷଣ ନିମନ୍ତେ ସାଇକେଲ ଚାଳନାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ସାଇକେଲ ଦିବସ ପାଳନ ହେଉଛି । ସୁସ୍ଥ ଜୀବନଶୈଳୀ ଏବଂ ପ୍ରଦୂଷଣମୁକ୍ତ ପରିବେଶ ବିକାଶରେ ସାଇକେଲ ଚାଳନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜାତିସଂଘ ସାଧାରଣ ପରିଷଦରେ ୨୦୧୮ ମସିହାରୁ ପ୍ରତିବର୍ଷ ଜୁନ୍ ୩ ତାରିଖକୁ ବିଶ୍ୱ ସାଇକେଲ ଦିବସ ରୂପେ ପାଳନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା । ଚଳିତବର୍ଷର ବାର୍ତ୍ତା ରହିଛି **"ସବୁଜ ଭବିଷ୍ୟତପାଇଁ ସାଇକେଲ୍ ଚଲାଇବା"।** ସାଇକେଲ ଗମନାଗମନ ଓ ପରିବହନ କ୍ଷେତ୍ରରେ ସବୁଠାରୁ ପୁରୁଣା ଓ ଜରୁରୀ ମାଧ୍ୟମ ଭାବରେ ପରିଗଣିତ ହୋଇଆସୁଛି।

**ଭଦ୍ରକ**ଠାରେ ବିଶ୍ୱ ସାଇକେଲ ଦିବସ ପାଳିତ ହୋଇଯାଇଛି । ୧୬ ନମ୍ବର ଜାତୀୟ ରାଜପଥ ନଳାଙ୍ଗ ଆଦମପୁରରୁ ଯୁବ ସାଇକେଲ ଆରୋହୀମାନେ ଯାଇ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସାଇକେଲ ଚଳାଇଲେ ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ଓ ନୀରୋଗ ଜୀବନଯାପନ କରିପାରିବାର ବାର୍ତ୍ତା ନେଇ ସାଇକେଲ ଆରୋହୀମାନେ ସହର ପରିକ୍ରମା କରିଥିଲେ ।

## ରବି ଧାନ ବୈଠକ

**ନବରଙ୍ଗପୁର** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଣଧାନ ଜମିର ପଞ୍ଜୀକରଣରେ ସମ୍ପୃକ୍ତ ଲ୍ୟାମ୍ପସ୍‌ଗୁଡ଼ିକ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଯୋଗ୍ୟ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କ୍ରୟ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଧାନ କିଣା ସମୟରେ ଯଦି କୌଣସି ଚାଷୀ ଅସାଧୁ ଉପାୟରେ ଧାନ ମଣ୍ଡିକୁ ଆଣନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୈଠକରୁ ଜଣାପଡିଛି । ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୁଷ୍ଟି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ ।

## ରାଷ୍ଟ୍ରୀୟ ଆଇନ୍‌ସେବା ପ୍ରାଧିକରଣ

**ନୂଆପଡ଼ା** ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ସାଲିହା ଗ୍ରାମ ପଂଚାୟତରେ ସାଲିହା ସେବାଶ୍ରମରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଲସା ଦେୟମୁକ୍ତ ହେଲ୍ପଲାଇନ୍ ନମ୍ବର ୧୫୧୦୦, ଜାତୀୟ ଆଇନ୍‌ସେବା ପ୍ରାଧିକରଣ ପୋର୍ଟାଲରେ ପୋକ୍‌ସୋ ଆଇନ୍ ଅଧିନିୟମ ଉପରେ ଆଲୋଚନା ହୋଇଛି। ଶିବିରରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବଙ୍କ ସମେତ ସ୍ଥାନୀୟ ସରପଞ୍ଚ ସେବାଶ୍ରମର ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତାକାଲି କେରଳମ୍ ସ୍ପର୍ଶ କରିବା ନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଏଲ୍‌ନିନୋ ପ୍ରଭାବରୁ ମୌସୁମୀ ବାୟୁର ଅଗ୍ରଗତି ମନ୍ଥର ରହିଛି। ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଏଲ୍‌ନିନୋର ପ୍ରଭାବରେ ମୌସୁମୀଜନିତ ବର୍ଷା କମ୍ ହୋଇପାରେ। ଜୁନ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ କମ୍ ବର୍ଷା ହେବାର ସମ୍ଭାବନା ରହିଛି।

**- V/O -**

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।